# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**22 September – 2025**

## ପିଏମ୍-ଜିଏସ୍‌ଟି

ପବିତ୍ର ନବରାତ୍ରିର ପ୍ରଥମ ଦିନରେ ଦେଶରେ ଆଜିଠାରୁ ପରବର୍ତ୍ତୀ ପୀଢ଼ି ଦ୍ରବ୍ୟ ଓ ସେବାକର ଜିଏସ୍‌ଟି ସଂସ୍କାର କାର୍ଯ୍ୟକାରୀ ହୋଇଛି । ନୂତନ ସଂସ୍କାର ଲାଗୁ ହେବା ଦ୍ୱାରା ୨ଟି ସ୍ଲାବ ୫ ପ୍ରତିଶତ ଏବଂ ୧୮ ପ୍ରତିଶତରେ ଜିଏସ୍‌ଟି ସୀମିତ ରଖାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ସମ୍ବୋଧିତ କରି ଏହି ଅବସରରେ ସଞ୍ଚୟ ଉତ୍ସବ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ନୂତନ ଜିଏସ୍‌ଟି ଦେଶର ବିକାଶଧାରାକୁ ତ୍ୱରାନ୍ୱିତ କରିବ । ଏହାଦ୍ୱାରା ସମସ୍ତ ବର୍ଗର ଲୋକ ଉପକୃତ ହେବା ସହ ବାର୍ଷିକ ପ୍ରାୟ ଅଢ଼େଇଲକ୍ଷ କୋଟି ଟଙ୍କା ସଞ୍ଚୟ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O**

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଜିଏସ୍‌ଟି ସଂସ୍କାର ଦ୍ୱାରା ବିଭିନ୍ନ ସାମଗ୍ରିହ ଦର ହ୍ରାସ ପାଇଛି ।

**V/O**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଜିଏସ୍‌ଟି ସଂସ୍କାର ଦ୍ୱାରା ଦେଶରେ ପୁଞ୍ଜିନିବେଶ ବୃଦ୍ଧି ପାଇବା ସହ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସ୍ୱଦେଶୀ ମନ୍ତ୍ରକୁ ଆପଣେଇ ଦେଶବାସୀ ଅଧିକ ଲାଭାନ୍ୱିତ

ହେବେ ଏବଂ ଏହା ଦେଶର ଅର୍ଥନୈତିକ ସମୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ଶ୍ରୀ ମାଝି କହିଛନ୍ତି ।

## ଜିଏସ୍‌ଟି-ଆଲୋଚନାଚକ୍ର

ବଲାଙ୍ଗୀର ଜିଲ୍ଲା ଲୋଇସିଙ୍ଗା ନିର୍ବାଚନ ମଣ୍ଡଳୀର କଲ୍ୟାଣମଣ୍ଡପଠାରେ ଜିଏସ୍‌ଟି ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଲୋଚନାରେ ଭାଗନେଇ ନୂତନ ଜିଏସ୍‌ଟି ନୀତି ଦେଶ ସମେତ ରାଜ୍ୟର ଅର୍ଥନୀତିରେ ଅନେକ ସୁଧାର ଆଣିପାରିବ ବୋଲି କହିଛନ୍ତି ।

## ଜିଏସ୍‌ଟି

ଭଦ୍ରକ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଏସ୍‌ଟି ସଂସ୍କାର ଓ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ ସମ୍ପର୍କିତ କର୍ମଶାଳାରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଜିଏସ୍‌ଟି ହ୍ରାସ ପାଇଥିବାରୁ ସାଧାରଣ ଲୋକ ଉପକୃତ ହେବେ ବୋଲି କହିଛନ୍ତି ।  କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ସହାୟକ ହେବ ବୋଲି ସେ କହିଛନ୍ତି ।

## ଏମ୍ସ-ବାର୍ଷିକ ଉତ୍ସବ

ଭୁବନେଶ୍ୱର ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାନ ଏମ୍ସର ତ୍ରୟୋଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ପ୍ରଥମ ନିର୍ଦ୍ଦେଶକ

ଡାକ୍ତର ଅଶୋକ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦଇ ଗତ ୧ବର୍ଷରେ ୧୧ଲକ୍ଷରୁ ଅଧିକ ରୋଗୀ ଚିକିତ୍ସିତ ହୋଇଥିବା କହିଛନ୍ତି । ଖୁବ୍‌ଶୀଘ୍ର ଏମ୍ସରେ ଯକୃତ ପ୍ରତିରୋପଣ ଓ ସ୍କିନ୍ ବ୍ୟାଙ୍କ ସେବା ଉପଲବ୍ଧ ହେବ ବୋଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି ।

## ସ୍ମାରକୀ ଦିବସ

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ସହିଦନଗର ଲୁଣିଆ ଗୁଳିକାଣ୍ଡର ଆଜି ୭୩ତମ ସ୍ମାରକୀ ଦିବସ ପାଳିତ ହେଉଛି । ସକାଳ ସମୟରେ ପ୍ରଭାତଫେରି, ତିଳତର୍ପଣ ପରେ ବିଭିନ୍ନ ବର୍ଗର ଜନସାଧାରଣ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ସହିଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି । ୧୯୪୨ ମସିହା ଭାରତଛାଡ ଆନ୍ଦୋଳନରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ବ୍ରିଟିଶ ଶାସନ ବିରୋଧରେ ପ୍ରତିବାଦ କରି ୯ଜଣ ସଂଗ୍ରାମୀ ସହିଦ ହୋଇଥିଲେ ।

## ମା'ଭଣ୍ଡାର ଘରଣୀ ପୂଜା

ଦେଶରେ ଆଜିଠାରୁ ଶକ୍ତି ଉପାସନାର ପର୍ବ ନବରାତ୍ରୀ ଆରମ୍ଭ ହୋଇଛି । ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରମୁଖ ଶକ୍ତିପୀଠ ଏବଂ ମନ୍ଦିର ଗୁଡ଼ିକରେ ମା' ଦୁର୍ଗାଙ୍କୁ 'ଶୈଳପୁତ୍ରୀ' ବେଶରେ ପୂଜା କରାଯାଉଛି ।

ନବରଙ୍ଗପୁରର ଅଧିଷ୍ଠାତ୍ରୀ ଦେବୀ ମା’ ଭଣ୍ଡାର ଘରଣୀଙ୍କ ଶାରଦୀୟ ନବରାତ୍ର ପୂଜା ଆଜିଠାରୁ ଆରମ୍ଭ ହେଉଛି । ଆଜି ମା’ ଭଣ୍ଡାର ଘରଣୀ ପୂର୍ବାମୁଖୀ ହୋଇ ପାଟଖଣ୍ଡା ରୂପରେ ଦର୍ଶନ ଦେବେ ।

ନୂଆପଡା ଜିଲ୍ଲା ଖଡିଆଳ ଗଡଜାତ ଅଞ୍ଚଳର ଗଡ଼ରକ୍ଷକ ଦେବୀ ମା’ ରକ୍ତାମ୍ବରୀ ଏବଂ ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହୋଇଯାଇଛି ।

# ଗଣ୍ଡା ଦିବସ

ଗଣ୍ଡାମାନଙ୍କ ସୁରକ୍ଷାକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଗଣ୍ଡା ଦିବସ ପାଳନ କରାଯାଉଛି। ବିଶ୍ୱରେ ଥିବା ୫ ପ୍ରଜାତିର ଗଣ୍ଡାଙ୍କ ସୁରକ୍ଷା ଲାଗି ବିଭିନ୍ନ ସ୍ତରରେ ପଦକ୍ଷେପ ଗ୍ରହଣ କରାଯାଉଛି । ୨୦୧୦ ମସିହାରେ ଦକ୍ଷିଣ ଆଫ୍ରିକାର ବିଶ୍ୱ ବନ୍ୟଜନ୍ତୁ ଫଣ୍ଡ ଦ୍ୱାରା ପ୍ରଥମେ ଗଣ୍ଡା ଦିବସ ପାଳନ କରାଯାଇଥିଲା। ୨୦୧୧ ମସିହାଠାରୁ ଆନ୍ତର୍ଜାତିକ ସ୍ତରରେ ଏହି ଦିବସ ପାଳନ କରାଯାଉଛି । ଗଣ୍ଡାମାନଙ୍କ ଅବୈଧ ଶିକାର ରୋକିବା ଏବଂ ସେମାନଙ୍କ ପାଇଁ ବାସସ୍ଥାନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସଭାସମିତି ଆୟୋଜନ କରାଯାଇ ସଚେତନତା ସୃଷ୍ଟି କରାଯାଉଛି । ଦେଶରେ ଏବେ ୪ହଜାରରୁ ଅଧିକ ଗଣ୍ଡା ରହିଥିବାବେଳେ ମୁଖ୍ୟତଃ ଆସାମର କାଜିରଙ୍ଗା ଓ ଓରାଙ୍ଗ ଜାତୀୟ ପାର୍କରେ ଅଧିକ ସଂଖ୍ୟାରେ ଗଣ୍ଡା ଦେଖାଯାନ୍ତି ।

# ଶିଶୁଗୃହର ବାର୍ଷିକ କ୍ରୀଡ଼ା

ଦେବଗଡ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଶିଶୁଗୃହର ବାର୍ଷିକ କ୍ରୀଡ଼ା ସମାବେଶ 'ଉତ୍ସାହ' ଆୟୋଜିତ ହୋଇଯାଇଛି । ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଶିଶୁଗୃହର ଅନ୍ତେବାସୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଦୌଡ଼ ପ୍ରତିଯୋଗିତା

ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଦଲେଇଗୁଡା ସରକାରୀ ଲାଲବାହାଦୂର ଉଚ୍ଚ ବିଦ୍ୟାଳୟରେ ଜୋନାଲସ୍ତରୀୟ ଦୌଡ଼ ଓ ଖେଳକୁଦ ପ୍ରତିଯୋଗିତାରେ ୨୧ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭାଗ ନେଇଥଲେ । ଏଥିରେ ଚୟନ ହୋଇଥିବା ୮୦ଜଣ କୃତୀ ପ୍ରତିଯୋଗୀ' ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ।

# ପାଣିପାଗ

ଉତ୍ତରପୂର୍ବ ବଙ୍ଗୋପ ସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟର ପ୍ରଭାବରେ ଆଜିସୁଦ୍ଧା ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ିସହ ବର୍ଷା ହେବା ନେଇ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।